ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧ ସେପ୍ଟେମ୍ବର, ୨୦୨୦



## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ

ସୋନପୁର (ନି.ପ୍ର): ସୋନପୁର-ବିନିକା ରାସ୍ତାର କବାଟତଲେଇ ଛକ ନିକଟରେ ସୋମବାର ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ବରଗଡ ଜିଲା ଭେଡେନ ଥାନା ତାଲମେଣ୍ଡା ଗାଁର ଦୟାସାଗର ସାହୁଙ୍କ ଦୁର୍ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗୁରୁତର ଆହତ ହୋଇଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପ୍ରକୃତ ପରିଚୟ ମିଳିପାରିନି। ସୋନପୁର ପୋଲିସ ଦୁର୍ଘଟଣାଗ୍ରସ୍ତ ୨ବାଇକକୁ ଜବତ କରିଛି।

# ସୁଧୁରିଛି ବନ୍ୟା ପରିସ୍ଥିତି

ସମ୍ବଲପୁର,୩୧।୮ (ବ୍ୟୁରୋ)

ସମ୍ବଲପୁର ଜିଲାରେ ମହାନଦୀର ପିଛିଲା ପାଣିରେ ହୋଇଥିବା ବନ୍ୟା ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଛି । ସୋମବାର ସୁଦ୍ଧା ସରକାରୀ ଆଶ୍ରୟ ସ୍ଥଳିରେ ୨୪ ଶହ ଲୋକ ରହିଛନ୍ତି । ମହାନଦୀରେ ମିଶିଥିବା ଶାଖା ନଦୀ ହରଡଯୋର, ମାଲତୀଯୋର, ମନ୍ଦଲିଆ ପାଖ ନାଲାରେ ଜଳସ୍ତର କମିବାରେ ଲାଗିଛି । ଫଳରେ ବିଭିନ୍ନ ଗାଁ ଓ ପଡାରେ ପଶିଥିବା ବନ୍ୟାଜଳ ହ୍ରାସ ପାଉଥିବାରୁ ଲୋକେ ସାମାନ୍ୟ ଆସ୍ୱସ୍ତି ଅନୁଭବ କରିଛନ୍ତି । କେତେକ ପରିବାର ନିଜ ଘରକୁ ଫେରି ଆସବାପତ୍ର ଓ ଅନ୍ୟାନ୍ୟ ସାମଗ୍ରୀର ସ୍ଥିତି ପରଖିଛନ୍ତି ।

ସୋମବାର ଅପରାହ୍ନରେ ଜିଲାରେ ସାମାନ୍ୟ ବର୍ଷା ହୋଇଥିଲା । ସନ୍ଧ୍ୟା ସମୟରେ ଆକାଶ ମେଘାଛନ୍ନ ଥିଲା । ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଲଗାଣ ବର୍ଷାରେ କ୍ଷୟକ୍ଷତି ଆକଳନ ରିପୋର୍ଟ ଆସିଛି। ମହାନଗର ନିଗମ ଓ ଜିଲାରେ ମୋଟ ୧୪୭୨ ଘର ଭାଙ୍ଗିଛି । ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି । ଅନ୍ୟପକ୍ଷେ ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପୁଣି ଥରେ କ୍ଷୟକ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୋମବାର ସନ୍ଧ୍ୟା ସୁଦ୍ଧା ମନ୍ଦଲିଆ,ଚାରଭାଟି, ବିନାଖଣ୍ଡି, ଦୁର୍ଗାପାଲି, ଲିମସରିଏନ, ଚନ୍ଦନନଗର, ଧନୁପାଲି ତୁରିପଡା ଆଦି କେତେକ ସ୍ଥାନରେ ବନ୍ୟା ପାଣି ରହିଛି । ଆଶ୍ରୟ ସ୍ଥଳରେ ରହିଥିବା ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଦିଆଯାଇଛି । ଦାୟିତ୍ୱରେ ଥିବା ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି ।


ସୋମବାର ସମ୍ବଲପୁର ବିନାଖଣ୍ଡୀଠାରେ ଘର ସାମଗ୍ରୀ ପ୍ଲାଷ୍ଟିକରେ ଘୋଡାଇ ଜଣେ ମହିଳା ଜଗିଛନ୍ତି ।

- ଲଗାଣ ବର୍ଷାରେ ୧୪୭୨ ଘର ଭାଙ୍ଗିଛି
- ଆଶ୍ରୟ ସ୍ଥଳରେ ଅଛନ୍ତି ୨୪ ଶହ ଲୋକ
- ବିଭିନ୍ନ ନଦୀରୁ ବନ୍ୟାଜଳ କମୁଛି

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

**କୁଚିଣ୍ଡା,୩୧।୮ (ଡି.ଏନ.ଏ.):** କୁଚିଣ୍ଡା ନିକଟସ୍ଥ ନୂଆଗାଁର ବିଶ୍ୱନାଥ ନାୟକ (୬୫) ଙ୍କୁ ସୋମବାର ଭୋର ସମୟରେ ଏକ ହାତୀ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ କୁଚିଣ୍ଡା ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଭିମ୍ସାର ସ୍ଥାନାନ୍ତର କରାଯାଇଛି । ବିଶ୍ୱନାଥ ଗାଁ ମୁଣ୍ଡ ନଳକୂପ ପାଖରେ ଦାନ୍ତ ଘଷୁଥିବା ବେଳେ ହାତୀଟି ତାଙ୍କୁ ଆକ୍ରମଣ କରିଥିଲା । ବିଶ୍ୱନାଥଙ୍କ ପାଟି ଶୁଣି ଗାଁ ଲୋକେ ଉଠି ହାତୀକୁ ଘଉଡ଼ାଇ ଦେଇଥିଲେ । ହାତୀ ସହ ତାର ଶାବକ ଥିବା ଗ୍ରାମବାସୀ କହିଛନ୍ତି ।

### ତହସିଲ କର୍ମଚାରୀଙ୍କୁ କରୋନା

**କର୍ଲାମୁଣ୍ଡା, ୩୧।୮ (ଡି.ଏନ.ଏ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ତହସିଲର ଜଣେ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ରାଗିଡ ଆଣ୍ଟିଜେନ ଟେଷ୍ଟରେ ଏହି ଚିହ୍ନଟ ହୋଇଛି। ଆକ୍ରାନ୍ତ ଜଣକ ନୂଆଁଖାଇ ଛୁଟିରେ ଘରକୁ ଯାଇ ରବିବାର ଫେରିଥିଲେ। ସୋମବାର ତହସିଲଦାର ବାସନ୍ତୀ ସେଠୀ ସମସ୍ତ କର୍ମଚାରୀଙ୍କ ଆଣ୍ଟିଜେନ ଟେଷ୍ଟ କରାଇଥିଲେ।

### ଦେଓଗାଁ ବ୍ଲକ କାର୍ଯ୍ୟାଳୟ ଶଟ୍‌ଡାଉନ୍

**ଦେଓଗାଁ,୩୧।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟର ୨ ଜଣ କର୍ମଚାରୀ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାପରେ ବ୍ଲକ କାର୍ଯ୍ୟାଳୟକୁ ସୋମବାର ଓ ମଙ୍ଗଳବାର ଦୁଇଦିନ ପାଇଁ ଶଟଡାଉନ ଘୋଷଣା କରାଯାଇଛି। କାର୍ଯ୍ୟାଳୟକୁ ସାନିଟାଇଜ ପରେ ବୁଧବାର ଖୋଲାଯିବ ବୋଲି ବିଡିଓ ନବୀନ କିଶୋର ପାଢ଼ି ସୂଚନା ଦେଇଛନ୍ତି । ସୂଚନାନୁସାରେ ସୋମବାର ସୁଦ୍ଧା ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୮୭୦ ଜଣଙ୍କ ନମୁନା ପରୀକ୍ଷା ହୋଇଥିବା ବେଳେ ୩୬ ଜଣଙ୍କ ପଜିଟିଭ ବାହାରିଥିବା ଡା. ସୁରେନ୍ଦ୍ର ପାରକିଆ ସୂଚନା ଦେଇଛନ୍ତି ।

### ଭୁବନେଶ୍ୱର ବେହେରାଙ୍କ କଥା ଓ କାହାଣୀକୁ ନେଇ ଆଲୋଚନାଚକ୍ର

**ଭବାନୀପାଟଣା,୩୧।୮(ଡି.ଏନ୍.ଏ.):** ଆଧୁନିକ କଳାହାଣ୍ଡିର ନିର୍ମାତା ଏବଂ ଓଡିଆ ସାହିତ୍ୟର ଜାଜ୍ଜ୍ୱଲ୍ୟମାନ ପ୍ରତିଭା ପ୍ରଫେସର ଭୁବନେଶ୍ୱର ବେହେରାଙ୍କ କଥା ଓ କାହାଣୀକୁ ନେଇ ରବିବାର ଏକ ଭର୍ଚୁଆଲ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କଳାହାଣ୍ଡି ଯୁବ ଲେଖକ ସମାବେଶ ଦ୍ୱାରା ଗୁଗୁଲ୍ ମିଟ୍ ପ୍ଲାଟଫର୍ମରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଅନ୍‌ଲାଇନ୍ ଆଲୋଚନାଚକ୍ରରେ ଏକକ ଆଲୋଚକ ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ପ୍ରାଧ୍ୟାପକ ଡ. ଗୋପୀନାଥ ବାଗ ଯୋଗଦେଇ ପ୍ରଫେସର ବେହେରାଙ୍କ ମୂଲ୍ୟବୋଧଭିତ୍ତିକ ସାହିତ୍ୟ ଉପରେ ଆଲୋଚନା କରିଥିଲେ । କଳାହାଣ୍ଡି ଯୁବଲେଖକ ସମାବେଶର ଆବାହକ ଜୟଦ୍ରଥ ସୁନାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟସ୍ତରୀୟ କବିତା ପାଠକୁ ଯୁବ ଲେଖକ ସୁଶୀଲ ବାଗ ପରିଚାଳନା କରିଥିଲେ। ଛତିଶଗଡ଼ ବିଲାସପୁରରୁ କାର୍ଯ୍ୟକ୍ରମର ବୈଷୟିକ ସଂଯୋଜନା କରିଥିଲେ ଯୁବକବି ପରମା ନାଏକ। ଏଥିରେ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଭଦ୍ରକ, ସୋନପୁର, ନବରଙ୍ଗପୁର ଆଦି ଜିଲାରୁ ଶତାଧିକ କବି, ଲେଖକ ଓ ସାହିତ୍ୟପ୍ରେମୀ ସାମିଲ୍ ହୋଇଥିଲେ।

### ୬ କରୋନା ରୋଗୀ ଚିହ୍ନଟ

**ଲହୁଣୀପଡା,୩୧।୮(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡାରୁ ୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନେ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୩ ଜଣ ଡାକ୍ତର, ଜଣେ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସମ୍ପର୍କୀୟ ଅଛନ୍ତି । ଏଥି ସହିତ ଅନ୍ୟଜଣେ ବ୍ୟକ୍ତି ପଜିଟିଭ ଚିହ୍ନଟ ହୋଇଛନ୍ତି । ସ୍ୱାସ୍ଥ୍ୟକର୍ମୀ ଜଣକ ଲହଙ୍ଗାପଡାରେ ରହୁଥିବା ହେତୁ ଲହଙ୍ଗାପଡା ଗ୍ରାମକୁ ଏବଂ ମେଡିକାଲ ରୋଡ ଗାନ୍ଧୀ ଛକଠାରୁ ରାଜନ ଜୟସ୍ୱାଲ ଘର ପର୍ଯ୍ୟନ୍ତ ଅଞ୍ଚଳକୁ ୪୮ ଘଣ୍ଟା ଓ ୩ ଡାକ୍ତର, ଜଣେ ସ୍ୱାସ୍ଥ୍ୟକର୍ମୀ ପଜିଟିଭ ଚିହ୍ନଟ ପରେ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୭୨ ଘଣ୍ଟା ପାଇଁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି ସରପଞ୍ଚ ଜୁଲିଆନି କାଣ୍ଡି ।

## ମୃତବ୍ୟକ୍ତିଙ୍କ ନାମରେ ଉଠୁଛି ଭତ୍ତା ଟଙ୍କା

ଦେଓଗାଁ, ୩୧।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତରେ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଉଠୁଛି । ମୃତ ହିତାଧିକାରୀଙ୍କ ପୁଅ ଏ ନେଇ ସୋମବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି । କୁତୁର୍ଲାର ସଞ୍ଜୀବ ପଧାନଙ୍କ ବାପା ମକରଧ୍ୱଜ ପଧାନଙ୍କର ୨୦୧୯ ଡିସେମ୍ବର ୨୧ ତାରିଖରୁ ଦେହାନ୍ତ ହୋଇଗଲାଣି। ହେଲେ ଚଳିତବର୍ଷ ଜୁଲାଇ ମାସ ପର୍ଯ୍ୟନ୍ତ କେହି ଜଣେ ଟିପଚିହ୍ନ ଦେଇ ତାଙ୍କ ବାପାଙ୍କ ନାମରେ ଭତ୍ତା ଟଙ୍କା ଉଠାଉଛନ୍ତି ବୋଲି ସେ ବିଡିଓ ନବୀନ କିଶୋର ପାଢ଼ୀଙ୍କୁ ଫେରାଦ ହୋଇଛନ୍ତି । କେବଳ ଏତିକି ନୁହେଁ ଉକ୍ତ ପଞ୍ଚାୟତର କତୁର୍ଲା, ମୁରସିଂ ରେଙ୍ଗାଲପଡା, ସିଆଲବାହାଲି, ବହଲି ଆଦି ଗାଁର ୧୫ଜଣ ହିତାଧିକାରୀଙ୍କ ନାମରେ ମଧ ଭତ୍ତା ଟଙ୍କା ହଡପ ହେଉଥିବା ଅଭିଯୋଗ ହେଉଛି । ଏ ନେଇ ବିଡିଓ ନବୀନ କିଶୋର ପାଢ଼ୀଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

# ବିଭିନ୍ନ ସ୍ଥାନରେ ସ୍ୱାୟତ୍ତ ଶାସନ ଦିବସ

ବଲାଙ୍ଗୀର ଅଫିସ, ୩୧।୮

ବଲାଙ୍ଗୀର ପୌର ପରିଷଦରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ତଥା ବଲାଙ୍ଗୀର ପୌର ପରିଷଦ ପ୍ରଶାସକ ଅରିନ୍ଦମ ଡାକୁଆ ରାଷ୍ଟ୍ରୀୟ ଧ୍ୱଜ ଉତ୍ତୋଳନ କରି କରୋନା ସମୟରେ ପୌର କର୍ମଚାରୀଙ୍କ ନିଷ୍ଠା ଓ ସାହସ ପ୍ରତିଫଳିତ ହୋଇଛି ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ୬୦ ପୌର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜାଖମନସ୍ଥିତ ଡମ୍ପିୟାର୍ଡଠାରେ ପୌର ପରିଷଦ ତରଫରୁ ଚାରା ରୋପଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ପରିଚାଳନା କରିଥିଲେ । ୧୦୦ଟି ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର, ୫୦ଟି ମେଟେରିଆଲ ରିକଭରି ଫେସଲିଟିକୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।

**ସୋନପୁର(ନି.ପ୍ର.):** ସୁବର୍ଣ୍ଣପୁର ସହରକୁ ସବୁଜ ସୁନ୍ଦର ଭାବେ ଗଢି ତୋଳିବାକୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସୋମବାର ଆହ୍ୱାନ ଦିଆଯାଇଛି । ପିଡି ଡିଆରଡିଏ ଡୋଳାମଣି ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ସହରବାସୀଙ୍କ ସହଯୋଗରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟାଂଶୁ ରୁଟ୍ ଉପସ୍ଥିତ ଥିଲେ। ପୌରାଞ୍ଚଳର ବିଭିନ୍ନ ମୁଖ୍ୟସ୍ଥଳରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା। ସକାଳେ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ ହୋଇଥିଲା।

**କୁଚିଣ୍ଡା(ଡି.ଏନ.ଏ.):** କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨.୮୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସେପଟେଜ ବିଶୋଧନାଗାର, ୪୧.୧୪ ଲକ୍ଷ ଟଙ୍କାରେ ନିର୍ମିତ ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର ଏବଂ ୯.୯୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାଟେରିଆଲ ରିକଭର୍ ଫାସେଲିଟିର ଲୋକାର୍ପଣ କରିଥିଲେ।

**ଜୁନାଗଡ଼(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଜାତୀୟ ରାଜପଥ ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଥିଲା। ପରେ ଜୁନାଗଡ଼ ବ୍ଲକ ସଭାଗୃହଠାରେ ଭିଡିଓ କନଫରେସିଂ କାର୍ଯ୍ୟକ୍ରମରେ ଏନ୍ଏସି କର୍ତ୍ତୃପକ୍ଷ ଭାଗନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ। ଅନ୍‌ଲାଇନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଜୁନାଗଡ ଏନ୍ଏସି ପାଇଁ ଏଫ୍ଏସ୍‌ଟିପିର ଶିଳାନ୍ୟାସ କରିଥିଲେ।

**ବିଜେପୁର,(ଡି.ଏନ.ଏ):** ବରଗଡ଼ ଜିଲା ବିଜେପୁର ଏନଏସି କାର୍ଯ୍ୟାଳୟରେ ବିଡ଼ିଓ ତଥା ଭାରପ୍ରାପ୍ତ ଏନଏସି ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ ପତାକା ଉତ୍ତୋଳନ କରି ସ୍ୱାୟତ୍ତ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ପାତ୍ର, ବିକାଶ ସାହୁ, ଦିବ୍ୟକିଶୋର ପୁରୋହିତ ଉପସ୍ଥିତ ଥିଲେ ।

**ରାଉରକେଲା ଅଫିସ:** ରାଉରକେଲା ମହାନଗର ନିଗମରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କମିଶନର ଦିବ୍ୟଜ୍ୟୋତି ପରିଡା ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ୧୫ଜଣ କର୍ମଚାରୀଙ୍କୁ ସମ୍ମାନୀତ କରାଯାଇଥିଲା । ଏଥିସହିତ ୭ଟି ମାଇକ୍ରୋ କଂପୋଷ୍ଟି ସେଣ୍ଟର ଲୋକାର୍ପିତ ହୋଇଥିଲା । ୩୮ଟି ଗୋଷ୍ଠୀ ଶୌଚାଳୟ ପରିଚାଳନା ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅର୍ପଣ କରାଯାଇଥିଲା । ୬ଟି ଆହାର କେନ୍ଦ୍ରର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଏସ୍ଏଚ୍‌ଜିଙ୍କୁ ଅର୍ପଣ କରାଯାଇଥିଲା । ରାଉରକେଲାବାସୀଙ୍କୁ ସର୍ବୋତ୍ତମ ସେବା ଯୋଗାଇବା ଆମର ଲକ୍ଷ୍ୟ ବୋଲି କମିଶନର ପରିଡା କହିଛନ୍ତି ।


ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ବଲାଙ୍ଗୀରରେ ଜିଲାପାଳ ଅରିନ୍ଦମ ଡାକୁଆ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଓ ଅନ୍ୟମାନେ


ସୋନପୁରରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପତାକା ଉତ୍ତୋଳନ କରାଯାଇଛି ।

## ୧୧ ବର୍ଷ ଧରି ଶାରୀରିକ ସମ୍ପର୍କ ପରେ ପ୍ରତାରଣା

କୁଆଁରମୁଣ୍ଡା,୩୧।୮(ଡି.ଏନ୍.ଏ.)

୧୧ବର୍ଷ ଧରି ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହିତ ସେ ଶାରୀରିକ ସମ୍ପର୍କ ରଖିଥିଲେ । ଏଥିରେ ଅତିଷ୍ଠ ହୋଇ ଯୁବତୀ ଜଣଙ୍କ ବିବାହ ପାଇଁ ନିଜ ଜିଦ୍‌ରେ ଅଟଳ ରହିବାରୁ ସମ୍ପୃକ୍ତ ଯୁବକ ତାଙ୍କୁ ପ୍ରତାରଣା କରି ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତରେ ଏହି ଘଟଣା ଘଟିଛି । ପୀଡିତା ଯୁବତୀ ସୋମବାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୧/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଯୁବତୀଙ୍କ ଡାକ୍ତରୀ ମାଇନା କରାଯାଇଛି । ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପାଇଁ ତନାଘନା ଆରମ୍ଭ କରିଛି । ସୂଚନା ଅନୁଯାୟୀ, ପୀଡିତା ଯୁବତୀ ଦିଲ୍ଲୀରେ ଜଣେ ବ୍ୟକ୍ତିଙ୍କ ଘରେ ରହି କାମ କରୁଥିଲେ। ହେଲେ ଅଭିଯୁକ୍ତ ଏକାଧିକ ଥର ଦିଲ୍ଲୀ ଯାଇ ତାଙ୍କ ସହ ସୁଯୋଗ ଖୋଜି ଶାରୀରିକ ସମ୍ପର୍କ ରଖୁଥିଲେ । ଯୁବତୀ ଜଣକ ଯେତେବେଳେ ଗାଁକୁ ଆସୁଥିଲେ ଅଭିଯୁକ୍ତ ତାର ଫାଇଦା ଉଠାଉ ଥିଲେ। ଏ କଥା କାହାକୁ କହିଲେ ତୁମକୁ ବରବାଦ କରି ଦେବି ବୋଲି ଯୁବକ ଜଣକ ତାଙ୍କୁ ଧମକ ଦେଇଥିଲେ।

## ୮୨ କରୋନା ରୋଗୀ ଚିହ୍ନଟ

**ବରଗଡ଼ ଅଫିସ୍,୩୧।୮:** ବରଗଡ଼ ଜିଲାରେ ସୋମବାର ପୁଣି ୮୨ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ବରଗଡ଼ ବ୍ଲକରେ ୧୫, ବରଗଡ଼ ପୌରାଞ୍ଚଳରେ ୨୨, ବରପାଲି ବ୍ଲକରେ ୫, ସୋହେଲା ୪, ଭଟଲି ୨୧, ଭେଡ଼େନ ୨, ଅମ୍ବାଭୋନା ବ୍ଲକରେ ୩ ଏବଂ ଅତାବିରା ଏନଏସିରେ ୧୦ଜଣ ରହିଛନ୍ତି । ଏହାପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୧୫୦ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୯ଜଣଙ୍କ ମୃତ୍ୟୁହୋଇ ଥିବାବେଳେ ୧୧୫୦ଜଣ ସୁସ୍ଥ ହୋଇଛନ୍ତି।

# ସମ୍ବଲପୁର ଜିଲାରେ ୩୬ ଶହ ଏନ୍‌ଇଇଟି, ଜେଇଇ ପରୀକ୍ଷାର୍ଥୀ

ସମ୍ବଲପୁର,୩୧।୮(ବ୍ୟୁରୋ)

- ଓଡ଼ିଶା ମୋ ପରିବାର ପକ୍ଷରୁ ହେଲ୍ପଡେସ୍କ
- ଶୁଭେଚ୍ଛା ସହ ସହାୟତା କରିବେ
- ପରୀକ୍ଷାକେନ୍ଦ୍ର ପରିଦର୍ଶନ କଲେ ସଦସ୍ୟ

ଏନ୍‌ଇଇଟି ଓ ଜେଇଇ ପରୀକ୍ଷାର୍ଥୀମାନଙ୍କୁ ସହାୟତା ଓ ଶୁଭେଚ୍ଛା ଜଣାଇବା ପାଇଁ ସମ୍ବଲପୁର ଜିଲାରେ ଓଡିଶା ମୋ ପରିବାର ପକ୍ଷରୁ ହେଲ୍ପ ଡେସ୍କ ଖୋଲାଯିବ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସଦସ୍ୟମାନେ ରହି ସହଯୋଗ କରିବେ। ପରୀକ୍ଷାର୍ଥୀଙ୍କ ଯିବା ଆସିବା, ଖାଦ୍ୟ ପାନୀୟ, ସୁରକ୍ଷା ଓ ଅନ୍ୟାନ୍ୟ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କାଇଁଶିର ସ୍ଥିତ ବିଜେଡି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ସୂଚନା ଦେଇଛନ୍ତି। ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରୀକ୍ଷା ସ୍ଥଗିତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ହେଲେ ପରୀକ୍ଷା ପାଇଁ ସ୍ଥିର ହୋଇଥିବାରୁ କୋଭିଡ ଓ ବନ୍ୟା ଯୋଗୁ ପରୀକ୍ଷାର୍ଥୀମାନଙ୍କୁ ସମସ୍ୟା ହେବ। ଜିଲାରେ ୪ଟି ପରୀକ୍ଷା କେନ୍ଦ୍ରରେ ମୋଟ ୩୬ଶହ ଜଣ ପରୀକ୍ଷା ଦେବେ । ଆଜି ଉକ୍ତ ପରିକ୍ଷା କେନ୍ଦ୍ର ଗୁଡିକକୁ ଏକ ଟିମ୍ ପରିଦର୍ଶନ କରିବାକୁ ଯାଇଥିଲେ। ସେଠାରେ ପହଞ୍ଚିଥିବା ପରୀକ୍ଷାର୍ଥୀ ମାନଙ୍କ ସହ ଆଲୋଚନା ହୋଇଥିଲା। ଜିଲା ତଥା ଜିଲା ବାହାରୁ ଅନେକ ପରୀକ୍ଷାର୍ଥୀ ଓ ଅଭିଭାବକ ମାନେ ଫୋନରେ ଯୋଗାଯୋଗ କରୁଛନ୍ତି। ସେମାନଙ୍କୁ ସହଯୋଗ କରାଯାଉଛି। ପରୀକ୍ଷା ଚାଲିଥିବା ପର୍ଯ୍ୟନ୍ତ ଓଡ଼ିଶା ମୋ ପରିବାର ସଦସ୍ୟମାନେ କାର୍ଯ୍ୟ କରିବେ । ସମସ୍ତ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ୨ଘଣ୍ଟା ପୂର୍ବରୁ ପହଞ୍ଚିବାକୁ ଚେଷ୍ଟା କରନ୍ତୁ ବୋଲି ଦାସ କହିଥିଲେ। ସେମାନେ ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଫୋନ ନଂ. ୯୪୩୯୨୦୯୯୧୭ରେ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବରିଷ୍ଠ ନେତା ରାଜ କିଶୋର ଦାସ, ରାଜ୍ୟ ସମ୍ପାଦକ ଶୈଳେଶ ଦାନୀ, ଦେବେନ ପତି ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ବଲପୁର ବିଜେଡି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ସୂଚନା ଦେଉଛନ୍ତି ।

## ଦୁଃଖରେ ବନ୍ୟାବିପନ୍ନ, ଚାଷୀ

ସୋନପୁର,୩୧।୮(ନି.ପ୍ର.)

ହୀରାକୁଦର ଉପରମୁଣ୍ଡରେ ବର୍ଷା କମିଛି। ଜଳଭଣ୍ଡାରକୁ ଜଳ ପ୍ରବାହ ହ୍ରାସ ପାଇବା ପରେ ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରାଯାଇଛି। ଫଳରେ ମହାନଦୀରେ ଜଳସ୍ତର କମିଛି। ସୋମବାର ସନ୍ଧ୍ୟାରେ ମହାନଦୀର ଖଇରମାଳ ନିକଟରେ ୮ଲକ୍ଷ ୧୪ହଜାର ଘନଫୁଟ ଜଳ ପ୍ରବାହିତ ହେଉଛି। ପୂର୍ବାପେକ୍ଷା ନଦୀର ଜଳସ୍ତର ଦେଢ ଲକ୍ଷ ଘନଫୁଟ ହ୍ରାସ ପାଇଛି। ତେବେ ଉଲୁଣ୍ଡା ବ୍ଲକର ଲମଡୁଲ, ବିନିକା ବ୍ଲକର ନଦୀକୂଳିଆ ଗାଁ ମାନଙ୍କରେ ବନ୍ୟା ପରିସ୍ଥିତି ଟଳି ନାହିଁ। ଅନ୍ୟପକ୍ଷେ ବନ୍ୟା ମୁକାବିଲାରେ ପ୍ରଶାସନ ଫେଲ ମାରିଛି। ବିପନ୍ନ ଭୋକରେ ଅଛନ୍ତି। ସେମାନଙ୍କ ନିକଟରେ ରିଲିଫ୍ ପହଞ୍ଚି ପାରିନି। ଅନ୍ୟପକ୍ଷେ ଜିଲାର ବିନିକା, ଉଲୁଣ୍ଡା, ସୋନପୁର ଓ ବୀରମହାରାଜପୁର ବ୍ଲକର ବିଭିନ୍ନ ନଦୀକୂଳିଆ ଗାଁ ଭିତରକୁ ବନ୍ୟା ଜଳ ପ୍ରବେଶ କରିଛି । ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଛି । କୃଷି ବିଭାଗର ଆଖି ଦେଖା ରିପୋର୍ଟ ଅନୁଯାୟୀ ଜିଲାର ୪୭ଟି ପଞ୍ଚାୟତର ୧୯୧ଟି ଗ୍ରାମରେ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି । ବନ୍ୟା ଯୋଗୁଁ ୨୧୬୩ ହେକ୍ଟର ଫସଲ ନଷ୍ଟ ହୋଇଥିବା ପ୍ରାରମ୍ଭିକ ଆକଳନରୁ ଜଣା ପଡିଛି । ପାଣି କମିଲେ କ୍ଷୟକ୍ଷତି ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ କହିଛନ୍ତି । ମହାନଦୀ ଓ ସାଲେସିଂ ନାଳର ବନ୍ୟାଜଳ ଉଲୁଣ୍ଡା ବ୍ଲକ ଲମଡୁଲ ଗାଁକୁ ଏବେ ବି ଘେରି ରହିଛି । ଏହି ଗାଁର ୩୦ଟି ପରିବାରର ୧୫୦ରୁ ଉର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ବିନିକା ସହରରେ ବନ୍ୟା ଜଳ ହ୍ରାସ ପାଇଲା ପରେ ଗୁଲାପଡା, କୋଲପଡା, ଟିକିରାପଡା ଓ ବେତରାପଡାର ୩୪୦ଲୋକ ବାତ୍ୟା ଆଶ୍ରୟସ୍ଥଳୀରୁ ସୋମବାର ନିଜ ଘରକୁ ଫେରିଛନ୍ତି। ତେବେ ଉଲୁଣ୍ଡା ବ୍ଲକ ହିକୁଡି–ଧର୍ମଶାଳା ରାସ୍ତାର କୁଲଥି ଯୋର ଉପରେ ଏବେ ବି ବନ୍ୟା ଜଳ ପ୍ରବାହିତ ହେଉଛି ।

# ଡିଲର, ରିଟେଲରଙ୍କୁ ଅନୁକମ୍ପା

ବଲାଙ୍ଗୀର ଅଫିସ, ୩୧।୮

- ୧୮୦ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍, କାର୍ଯ୍ୟାନୁଷ୍ଠାନ ପାଇଁ ପଛଘୁଞ୍ଚା
- ବଲାଙ୍ଗୀର କୃଷି ଜିଲାରେ ସର୍ବାଧିକ ଆଇନ ଉଲଂଘନକାରୀ
- ଟିଟିଲାଗଡରେ ୮ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ
- ସାର କଳା ବଜାରକୁ ନେଇ ଚିନ୍ତାରେ ଚାଷୀ

ବଲାଙ୍ଗୀର ଜିଲାରେ ୟୁରିଆ ସାର କଳାବଜାରକୁ ନେଇ ତୁମ୍ବିତୋଫାନ୍ ଚାଲିଛି। ଜିଲାର କୃଷି ଅଧିକାରୀମାନେ ଜିଲାର ସାର ହୋଲସେଲର, ଡିଲର ଓ ରିଟେଲରଙ୍କ ସହ ଭିତିରି ସମ୍ପର୍କ ଓ ଅନୁକମ୍ପା କଥା ଖୋଲାଖୋଲି ଆଲୋଚନା ହେଉଛି। ପ୍ରତିବର୍ଷ ସାର କଳାବଜାରରୁ ଲକ୍ଷାଧିକ ଟଙ୍କା ମୁନାଫା କମାଉଥିବାରୁ ଅଧିକାରୀଙ୍କୁ ସନ୍ତୁଷ୍ଟ କରି ସାର କଳାବଜାରକାରୀମାନେ ସେମାନଙ୍କ ବଜାର ବେଶ୍ ଜମାଇଛନ୍ତି।

ୟୁରିଆ ଚାଷୀଙ୍କ ପସନ୍ଦଯୋଗ୍ୟ ଓ ସର୍ବାଧିକ ବ୍ୟବହାରଯୋଗ୍ୟ ସାର । ଏହି ସାରକୁ କଳାବଜାର କରି ଚାଷୀକୁ ଯୋଜନାବଦ୍ଧ ଲୁଟ୍ କରାଯାଉଛି । ଏହି ଲୁଟ୍‌ରେ ସାର ଡିଲର, ରିଟେଲର, କୃଷି ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଆସୁଛି । ବିଭାଗୀୟ ତଥ୍ୟ ଅନୁଯାୟୀ ବଲାଙ୍ଗୀର ଜିଲାରେ ୨୨ ଜଣ ସାର ହୋଲସେଲର-ଡିଲର ରହିଛନ୍ତି । ଏହାବାଦ୍ ୮୨୫ ଜଣ ଡିଲର, ରିଟେଲର ଅଛନ୍ତି । ଏମାନଙ୍କ ମଧ୍ୟରୁ ବିଭିନ୍ନ ବେଆଇନ କାର୍ଯ୍ୟ ପାଇଁ ୧୮୦ ଜଣ ସାର ଡିଲର-ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ ବିଭାଗ ତରଫରୁ ଦିଆଯାଇଛି । ଏଥିରେ ବଲାଙ୍ଗୀର କୃଷି ଜିଲାର ସର୍ବାଧିକ ୯୯ ଜଣ ଡିଲର-ରିଟେଲର ରହିଛନ୍ତି । ପାଟଣାଗଡ କୃଷି ଜିଲାର ୯୯ ଜଣ ଓ ଟିଟିଲାଗଡ କୃଷି ଜିଲାର ୩୪ ଜଣ ଡିଲର-ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି । ଏତେ ସଂଖ୍ୟକ ଡିଲର, ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଥିଲେ ମଧ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ୯୯ ଜଣଙ୍କୁ ନୋଟିସ୍ ଦିଆଯାଇଥିଲେ ମଧ ସେମାନଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯାଇଛି ବୋଲି ବଲାଙ୍ଗୀର ଜିଲା କୃଷି ଅଧିକାରୀ ହିମାଂଶୁ ଶେଖର ପାଢ଼ୀଙ୍କୁ ପଚରା ଯାଇଥିଲା । ୪/୫ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସେ କହିଛନ୍ତି। କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପଚାରିଲେ ତଥ୍ୟ ପରେ ଦେବେ ବୋଲି କହିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର ମହାନ୍ତିଙ୍କୁ ପଚାରିବାରୁ ଟିଟିଲାଗଡ କୃଷି ଜିଲାରେ ୮ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କହିଛନ୍ତି । ସେଥିରୁ ୪ ଜଣଙ୍କ ଷ୍ଟପସେଲ କରାଯାଇଥିବାବେଳେ ୨ ଜଣଙ୍କୁ ନିଲମ୍ବିତ ଓ ୨ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିବା ଜଣାଇଛନ୍ତି । ବଲାଙ୍ଗୀର ଓ ପାଟଣାଗଡ କୃଷି ଜିଲାରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ବଲାଙ୍ଗୀର କୃଷି ଜିଲାରେ ସବୁଠୁ ବେଶୀ ସାର କଳାବଜାର ଅଭିଯୋଗ ହେଉଛି । ଏଠାରେ ସାର ଡିଲର-ରିଟେଲର ଓ କୃଷି ଅଧିକାରୀଙ୍କ ଭିତରେ ସଲାସୁତରା ଖୋଲାଖୋଲି ଅଭିଯୋଗ ହେଉଛି । କାରଣଦର୍ଶାଅ ନୋଟିସ୍ କରିଦେଇ କୃଷି ଅଧିକାରୀମାନେ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଓ ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି । ଏଦିଗରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଅନେକ ରହସ୍ୟ ପଦାକୁ ଆସିବ ଓ ଜିଲାର ଚାଷୀମାନେ ଯୋଜନାବଦ୍ଧ ଶୋଷଣରୁ ମୁକ୍ତ ହେବେ ବୋଲି ମତପ୍ରକାଶ ପାଉଛି ।

